# ଛୁଟି ପୂର୍ବରୁ ହଷ୍ଟେଲ ଖାଲି

■ ଅଭିଯୋଗ ପରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କ ତଦନ୍ତ
■ ହଷ୍ଟେଲକୁ ଫେରିଲେ ୨୫ ଛାତ୍ର

ନବରଙ୍ଗପୁର,୧୫।୪(ସଦାଶିବ ପ୍ରହରାଜ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏବେ ସକାଳୁଆ ସ୍କୁଲ ଖୋଲାଯାଉଛି। ସ୍କୁଲ କିମ୍ବା ଏହାର ହଷ୍ଟେଲଗୁଡ଼ିକୁ ଛୁଟି ଘୋଷଣା କରାଯାଇନାହିଁ। କିନ୍ତୁ ନବରଙ୍ଗପୁର ବ୍ଲକ ଜାମ୍ବଗୁଡ଼ା ରାଜୀବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଥିବା ହଷ୍ଟେଲରେ ପରିଚାଳନାଗତ ତ୍ରୁଟି ଯୋଗୁ କୌଣସି ଅନ୍ତେବାସୀ କିଛିଦିନ ହେବ ରହୁ ନ ଥିଲେ। ଅଭିଯୋଗ ପାଇବା ପରେ ଶନିବାର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ ଓ ଭରତ କୁମାର ସାହୁ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିଥିଲେ। ହଷ୍ଟେଲରେ କୌଣସି ଅନ୍ତେବାସୀ ନ ଥିବା ସହ ଏହା ଆବର୍ଜନାପୂର୍ଣ୍ଣ ଥିବା ଦେଖି ଏହାର ଫଟୋ ଉଠାଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ପଠାଇଥିଲେ। ସୋମବାର ହଷ୍ଟେଲକୁ ୨୫ ଛାତ୍ରଙ୍କୁ ଫେରାଇ ଅଣାଯାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ନବରଙ୍ଗପୁର ବ୍ଲକ ଜାମ୍ବଗୁଡ଼ା ରାଜୀବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟଟି ଶିକ୍ଷା ବିଭାଗ ଓ ହଷ୍ଟେଲ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ। ହଷ୍ଟେଲରେ ଅନ୍ତେବାସୀ ରହୁ ନ ଥିବାବେଳେ ବ୍ଲକ ମଙ୍ଗଳ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ସେଠୀ



ତଦନ୍ତ କରିବାକୁ ଆସିଥିବା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ।

ଏହା କିଭଳି ପରିଚାଳନା ହେଉଛି ତାହାର ସମୀକ୍ଷା, ତଦନ୍ତ ରିପୋର୍ଟ ଜଣାଉ ନ ଥିବା ଅଭିଯୋଗ ହେଉଥିଲା। ଜିଲା ମଙ୍ଗଳ ଅଧିକାରୀ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ଅଭିଯୋଗ ତଦନ୍ତ କରିବା ପାଇଁ ଅନେକ ଥର କହିଥିଲେ ମଧ୍ୟ ତାହା କରାଯାଉ ନ ଥିଲା। ଶନିବାର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଶ୍ୱାଳ ଓ ସାହୁ ବିଦ୍ୟାଳୟକୁ ଯାଇଥିଲେ। ହଷ୍ଟେଲରେ ଛାତ୍ର ନ ଥିବାବେଳେ କେବଳ ୨ଜଣ ରୋଷେୟା ଥିବା ସେମାନେ ଦେଖିଥିଲେ। ହଷ୍ଟେଲ ସଫାସୁତରା ନ ଥିଲା। ଅଧିକାରୀମାନେ ଏହାର ଫଟୋ ଉଠାଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ପଠାଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ର ଘଟଣାକୁ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ। ଏହି ଘଟଣା ପରେ ନବରଙ୍ଗପୁର ବ୍ଲକ ମଙ୍ଗଳ ଅଧିକାରୀ ୨୫ଜଣ ଛାତ୍ର ହଷ୍ଟେଲକୁ ଫେରାଇ ଅଣାଯାଇଥିବା ଓ ହଷ୍ଟେଲ ପରିବେଶ ସଫା କରାଯାଇଥିବା ଫଟୋ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ପଠାଇଛନ୍ତି।

ହଷ୍ଟେଲଗୁଡ଼ିକ ଠିକ୍‌ଭାବେ ମନିଟରିଂ ନ କରିବା, ହଷ୍ଟେଲ ପରିଚାଳନା ପାଇଁ ଡକାଯାଉଥିବା ସମୀକ୍ଷା ବୈଠକରେ ଯୋଗ ନ ଦେବା, ବ୍ଲକ ମଧ୍ୟରେ ଥିବା ବାଳିକା ହଷ୍ଟେଲଗୁଡ଼ିକର ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହି ଠିକ୍ ରିପୋର୍ଟ ଓ ଜାମ୍ବଗୁଡା ହାଇସ୍କୁଲ ହଷ୍ଟେଲ ପରିଚାଳନା ବିଷୟରେ ୩ ମାସ ହେବ ରିପୋର୍ଟ ନ ଦେବା ଭଳି ଅଭିଯୋଗରେ ଜିଲା ମଙ୍ଗଳ ଅଧିକାରୀ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ମାର୍ଚ୍ଚ ୧୯ରେ ଚିଠି ନମ୍ବର ୮୦୪ ଅନୁଯାୟୀ କୈଫିୟତ ମାଗିଥିଲେ। ସେହିଭଳି ଉମରକୋଟ ବ୍ଲକ ମଙ୍ଗଳ ଅଧିକାରୀ ପଦବୀ ଖାଲି ପଡ଼ିବା ପରେ ନବରଙ୍ଗପୁର ବ୍ଲକ ମଙ୍ଗଳ ଅଧିକାରୀ ସେଠୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ଦାୟିତ୍ୱ ଗ୍ରହଣ ନ କରିବା ସହ ବିଭାଗୀୟ ନିର୍ଦ୍ଦେଶକୁ ଅଣଦେଖା ଅଭିଯୋଗରେ ଜିଲା ମଙ୍ଗଳ ଅଧିକାରୀ ୨୦୨୩ ସେପ୍ଟେମ୍ବର ୮ରେ ଚିଠି ନମ୍ବର ୨୧୩୨ ଅନୁଯାୟୀ କୈଫିୟତ ମାଗିଥିଲେ।

ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ସହ ବ୍ଲକ ମଙ୍ଗଳ ଅଧିକାରୀଙ୍କ ଭିତିରିଆ ସମ୍ପର୍କ ଯୋଗୁ ଛାତ୍ର ନ ଥାଇ ପରିଚାଳିତ ହେଉଥିବା ଅଭିଯୋଗ ହେଉଛି। ହଷ୍ଟେଲରେ ଜିଲା, ଜିଲା ବାହାର ଛାତ୍ର ରହୁଛନ୍ତି। ପ୍ରକୃତରେ ଜିଲା ବାହାର ଛାତ୍ର ଏଠାରେ ରହୁଛନ୍ତି ନା ସେମାନଙ୍କ ଗାଁରେ ରହି ଅନ୍ୟ ବିଦ୍ୟାଳୟରେ ପଢୁଛନ୍ତି ତାହାର ତଦନ୍ତ କରିବାକୁ ଦାବି ହୋଇଛି। କେହି ଛାତ୍ର ନ ଥିବାବେଳେ ହଷ୍ଟେଲରେ ୨ ଜଣ ରୋଷେୟା ରହିବା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଅବହେଳା ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏନେଇ ଜିଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ରଙ୍କୁ ପଚାରିବାରୁ ହଷ୍ଟେଲ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ହେଲେ ମଧ୍ୟ ବିଦ୍ୟାଳୟର ଷ୍ଟାଫ ଶିକ୍ଷା ବିଭାଗର। ସେ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀମାନେ ରିପୋର୍ଟ ଦେବାକୁ କୁହାଯାଇଛି ବୋଲି କହିଛନ୍ତି। ଘଟଣାର ତଦନ୍ତ ହେବ ବୋଲି ଡିଇଓ ଛତ୍ରପତି ସାହୁ କହିଛନ୍ତି । ଅଭିଯୋଗ ସମ୍ପର୍କରେ ଜାଣିବାକୁ ବ୍ଲକ ମଙ୍ଗଳ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ସେଠୀଙ୍କୁ ତାଙ୍କ ୯୪୩୯୭୨୪୯୬୬ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଉନାହାନ୍ତି।

# ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଫ୍ଲାଗମାର୍ଚ୍ଚରେ ପୋଲିସ ଓ ଯବାନମାନେ ସହର ପରିକ୍ରମା କରୁଛନ୍ତି।

ଉମରକୋଟ, ୧୫।୪(ସନ୍ତୋଷ ଶତପଥୀ)

ଉମରକୋଟ ପୋଲିସ ପକ୍ଷରୁ ସୋମବାର ଫ୍ଲାଗ ମାର୍ଚ୍ଚ କରାଯାଇଛି। ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ନିର୍ବାଚନବେଳେ ଭୋଟର ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ପ୍ଲାଗ ମାର୍ଚ୍ଚ କରାଯାଇଛି। ସମସ୍ୟା ସମୟରେ ଲୋକଙ୍କ ସହିତ ଅଛନ୍ତି ବୋଲି ପୋଲିସ ପକ୍ଷରୁ ସୂଚନା ଲୋକଙ୍କୁ ଦିଆଯାଇଛି। ସ୍ଥାନୀୟ ବିଡିଓ ପ୍ରିତିରଞ୍ଜନ ରଥ, ତହସିଲଦାର ମେଘବାନ ବାଗ, ୧୨ ସିଆରପିଏଫ୍ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡର ଅଜୟ କୁମାର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଧୁଶିକ୍ତା ମିଶ୍ର, ଥାନାଧିକାରୀ ଡମ୍ବରୁଧର ପ୍ରଧାନ, ଏସ୍‌ଆଇ ଅକ୍ଷୟ ମିଶ୍ର, ସୌମେନ୍ଦ୍ର ସେଠ, ପୂର୍ଣ୍ଣିମା ଟେଟେ, ପ୍ରକାଶ ମିଶ୍ର, ଶିବାଜୀ ପଣ୍ଡା, ସିଆରପିଏଫ ଯବାନ, ଆଇଆରବି ଯବାନ ଓ ଥାନା କର୍ମଚାରୀ ପ୍ରମୁଖ ସାମିଲ ଥିଲେ। ସାଧାରଣ ନିର୍ବାଚନରେ ଲୋକେ ଭୋଟ ଦେବାକୁ ଯିବା ସମୟରେ ଭୋଟରଙ୍କ କୌଣସି ଅସୁବିଧା ହେବାକୁ ଦିଆଯିବ ନାହିଁ। ଉମରକୋଟ ନିର୍ବାଚନ ମଣ୍ଡଳୀରେ ରହିଥିବା ମାଓବାଦୀ ପ୍ରବଣ ଅଞ୍ଚଳରେ ମଧ୍ୟ ପୋଲିସ ଗୁଇନ୍ଦା ବିଭାଗର ସହାୟତା ନେଇ ସତର୍କ ରହିଛି ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ଚନ୍ଦାହାଣ୍ଡିରେ ବଢୁଛି ଚୋରି, ପୋଲିସ ହାତ ଖାଲି

ଚନ୍ଦାହାଣ୍ଡି, ୧୫।୪(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଦିନକୁ ଦିନ ଚୋରି ବଢୁଥିବାବେଳେ ସ୍ଥାନୀୟ ପୋଲିସ ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ରବିବାର ଚନ୍ଦାହାଣ୍ଡି ସଦର ଗ୍ରାମର ବିଶିକେଶନ ପାଢ଼ୀ ଏବଂ ସୁନ୍ଦରୁ ରାଉତଙ୍କ ରାସ୍ତା ପାର୍ଶ୍ୱ ଜମିରେ ଲାଗିଥିବା ୨ଟି ମୋଟର ଚୋରି ହୋଇଛି। ବିଗତ ଦିନରେ ଅନକାବେଡ଼ା ପଞ୍ଚାୟତ ସଦର କଲ୍ୟାଣ ବିଭାଗ ଆଶ୍ରମ ବିଦ୍ୟାଳୟର ନଳକୂପ ମୋଟରକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଫଳରେ ଆଶ୍ରମ ବିଦ୍ୟାଳୟରେ ପାନୀୟ ଜଳ ଏବଂ ଗାଧୋଇବା ପାଇଁ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ହଇରାଣ ହୋଇଥିଲେ। ସେହିଭଳି କିଛି ଦିନ ପୂର୍ବରୁ ଚନ୍ଦାହାଣ୍ଡି ସଦରସ୍ଥିତ ଏସ୍‌ବିଆଇ ଏଟିଏମ ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା। ଏଥିପୂର୍ବରୁ ବହୁ ଚୋରି ହୋଇଥିଲେ ମଧ୍ୟ ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି। ୩ ମାସ ତଳେ ଅନକାବେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨ଟି ଫ୍ୟାନ ଓ କିଛି ଦିନ ପୂର୍ବରୁ ସନ୍ଧିମୁଣ୍ଡା ଗ୍ରାମରୁ ୨ଟି ମୋଟର ଚୋରି ହୋଇଥିଲା। ଏହାଛଡ଼ା ଏଠାରେ ବେଆଇନ ଭାବରେ କିଛି ଯୁବକ ନକଲି ଲାଇନ ମ୍ୟାନ ସାଜିଥିବା ଅଭିଯୋଗ ହେଉଛି। ଏ ଦିଗରେ ଜିଲା ପ୍ରଶାସନ ଓ ଏସ୍‌ପି ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ଜଳୁଛି ପୋଡ଼ଗଡ଼ ଡ୍ୟାମ ପାଖ ଜଙ୍ଗଲ



ତେନ୍ତୁଳିଖୁଣ୍ଟି, ୧୫।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଝିଗାଁ ପଞ୍ଚାୟତ ଅଧୀନ ପୋଡ଼ଗଡ଼ ଡ୍ୟାମ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ନିଆଁ ଲାଗିଛି। ଏହି ଜଙ୍ଗଲରେ ପ୍ରତିବର୍ଷ କେତେଜଣ ବ୍ୟକ୍ତି ନିଆଁ ଲଗାଇ ପୋଡୁ ଚାଷ କରୁଥିବା ଅଭିଯୋଗ ହେଉଛି। ଏହିଭଳି ଅଭିଯୋଗ ଦୀର୍ଘ ୨ ବର୍ଷ ଧରି କରାଯାଉଥିବାବେଳେ ବନବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ।

ନିଆଁ ଲାଗି ଜଙ୍ଗଲ ନଷ୍ଟ ହେଉଛି। ଏଥିସହ ସମୟ ଗଡିବା ସହ ନିଆଁର ପ୍ରକୋପ ବୃଦ୍ଧି ପାଇ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ପଥର ଓ ପର୍ବତ ମଧ୍ୟ ପ୍ରଭାବିତ ହୋଇ ଦୁର୍ବଳ ହେବାର ଆଶଙ୍କା ରହିଛି। ଏପରି ହେଲେ ପରବର୍ତ୍ତୀ ସମୟରେ ଡ୍ୟାମ ଦୁର୍ବଳ ହେବାସହ ଅନ୍ୟାନ୍ୟ ବିପଦ ଆଣିବା ଆଶଙ୍କା ଅଛି। ପାହାଡ଼ରୁ ମୃତ୍ତିକା କ୍ଷୟ ହୋଇ ବନ୍ଧର ଜଳଧାରଣ କ୍ଷମତା ହ୍ରାସ କରିବା ସହ ପ୍ରାକୃତିକ ଝର ମଧ୍ୟ ନଷ୍ଟ ହେବ। ଏତେ ସବୁ ଆଶଙ୍କା ସତ୍ତ୍ୱେ ପ୍ରକଳ୍ପ ଅଧିକାରୀ ଗାର୍ଡୱାଲ ଡ୍ରେନ ପାଚେରୀ ନିର୍ମାଣରେ ବ୍ୟସ୍ତ ବନ୍ଧ ଭବିଷ୍ୟତ ପ୍ରତି ଆଖି ବୁଜି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଏ ନେଇ ତେନ୍ତୁଳିଖୁଣ୍ଟି ଫରେଷ୍ଟର ରିତେଶ ସୁନାଙ୍କୁ ପଚାରିବାରୁ ପୂର୍ବ ଅଭିଯୋଗ ସମ୍ପର୍କରେ ଅବଗତ ନାହିଁ। ଏବେ ଖବର ପାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଛୁ। ମଙ୍ଗଳବାର ସୁଦ୍ଧା ନିଆଁ ଲିଭାଇ ଦେଇଥିବୁ ବୋଲି ସେ କହିଛନ୍ତି।

## ବାଲି ବୋଝେଇ ଟିପ୍ପର ଧକ୍କାରେ ବାଇକ ଚାଳକ ମୃତ

କୋରାପୁଟ,୧୫।୪(ଅମିତାଭ ବେହେରା)

କୋରାପୁଟ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ମୃତ୍ତିକା ସଂରକ୍ଷଣ କଲୋନୀ ନିକଟରେ ସୋମବାର ଏକ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାୟଗଡ଼ା ଜିଲା ମୁନିଗୁଡ଼ାର ଭାଗିରଥି ନାୟକ(୨୭)। ସୋମବାର ସକାଳେ ଭାଗିରଥୀ ବାଇକ୍ ଯୋଗେ ଜୟପୁର ଆଡୁ କୋରାପୁଟ ମେଡିକାଲକୁ ଆସୁଥିଲେ। ଏହି ସମୟରେ ବୀପରିତ ଦିଗରୁ ଆସୁଥିବା (ଓଡି-୧୦ଜି-୩୬୭୯) ଏକ ବାଲି ବୋଝେଇ ଟିପ୍ପର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ କୋରାପୁଟ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଛେଦ ପାଇଁ କୋରାପୁଟ ଡାକ୍ତରଖାନାକୁ ପଠାଇଥିଲେ। କୋରାପୁଟ ଟାଉନ ଥାନାରେ ୧୨୯/ ୨୪ରେ ଏକ ମାମଲା ରୁଜୁ କରାଯାଇ ଗାଡ଼ି ଜବତ କରାଯିବା ସହ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ପ୍ରକାଶଯେ, ଭାଗିରଥୀଙ୍କ ବାପା କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଡାକ୍ତରଖାନାରେ ଥିବା ପରିବାର ଲୋକଙ୍କ ପାଇଁ ଟିଫିନ ଆଣିବାକୁ ସହରର ମୃତିକା ସଂରକ୍ଷଣ କଲୋନୀ ଯାଇ ସେଠାରୁ ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି।

# ବାପ ଘରକୁ ଗଲେ ମା'ଜଗତ ଜନନୀ ଠାକୁରାଣୀ

## ମା' ଙ୍କ ନବଦିନାତ୍ମକ ଯାତ୍ରା ଆରମ୍ଭ

ଉମରକୋଟ, ୧୫।୪(ସନ୍ତୋଷ ଶତପଥୀ)

ମା ଜଗତ ଜନନୀ ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା ସୋମବାରରୁ ଆରମ୍ଭ ହୋଇଛି। ପୌରାଣିକ କଥା ବସ୍ତୁ ଅନୁଯାଇ ମା ନିଜ ବାପ ଘରକୁ ଯାଇ ୯ ଦିନ ଧରି ପରିକ୍ରମା କରି ଲୋକଙ୍କ ଦୁଃଖ ବୁଝିବା ସହ ସୁଖ ଶାନ୍ତି ପାଇଁ ଆର୍ଶୀବାଦ ଦେଇଥାନ୍ତି। ଏହି କ୍ରମରେ ମଙ୍ଗଳା ମନ୍ଦିରରୁ ମାଙ୍କ ଘଣ୍ଟ ଅଣାଯାଇଥିଲା। ପୂଜକ ଭୁବନ ପୂଜାରୀଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସରିବା ପରେ ଏକ ଶୋଭାଯାତ୍ରାରେ ମା ଙ୍କୁ ଜଗନ୍ନାଥ ମନ୍ଦିର ନିକଟସ୍ଥ ଆସ୍ଥାୟୀ ମନ୍ଦିରକୁ ନିଆଯାଇଥିଲା। ମଙ୍ଗଳବାର ଗ୍ରାମବାସୀ ମା'ଙ୍କ ଦର୍ଶନ ସହ ମାନସିକଧାରୀ ମୁଆଁ ପଣା ଭୋଗ କରିବେ। ବୁଧବାରରୁ ସୋମବାର ଯାଏ ମାଙ୍କ ଘଣ୍ଟ ସହରର ପ୍ରତ୍ୟେକ ସାହି ପରିକ୍ରମା କରିବେ। ମା ବାପ ଘରକୁ ଯିବା ସମୟରେ ଆତସବାଜି, ବାଜା, ଡିଜେ ଶବ୍ଦରେ ସହର କମ୍ପି ଉଠିଥିଲା। ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳ ସହ ପଡୋଶୀ ଛତିଶଗଡ଼ରୁ ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି। ମୀନା ବଜାରରେ ମହାରାଷ୍ଟ୍ର , ଛତିଶଗଡ, ଆନ୍ଧ୍ରର ବ୍ୟବସାୟୀଙ୍କ ଘର କରଣା ଉପକରଣ ସହ ହସ୍ତକଳା ସାମଗ୍ରୀ ଷ୍ଟଲ ପଡ଼ିଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି।



ଶୋଭାଯାତ୍ରାରେ ମା'ଙ୍କୁ ଅସ୍ଥାୟୀ ମଣ୍ଡପକୁ ନିଆଯାଉଛି।

# ଘରଘର ବୁଲି ପ୍ରଚାର କଲେ ପ୍ରାର୍ଥୀ

## କୋଇଲାରୀରେ ଡାବୁଗାଁ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ କର୍ମୀ ସମ୍ମିଳନୀ

ଡାବୁଗାଁ, ୧୫।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୋଇଲାରୀ ପଞ୍ଚାୟତ ଅଧୀନ ସାନ କୋଇଲାରୀ ଗ୍ରାମରେ ଥିବା ଆମ୍ବ ବଗିଚାରେ ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାବୁଗାଁ ବିଧାନସଭା ଆସନ ବିଧାୟକ ପ୍ରାର୍ଥୀ ଲିପିକା ମାଝି ଯୋଗଦେଇଥିଲେ। ସେ ନିଜପାଇଁ ଓ ବାପା ତଥା ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ଭୁଜବଳ ମାଝିଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏହାସହ ଲିପିକା ଗ୍ରାମର ପ୍ରତି ଘରେ ଘରେ ବୁଲି ଲୋକମାନଙ୍କୁ ଭେଟି ଭୋଟ ମାଗିବା ସହ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରିଥିଲେ। ଏହି ସଭାରେ କୋଇଲାରୀ ପଞ୍ଚାୟତର ସଦର, ସରଗୁଡ଼ା, କେନ୍ଦୁଗୁଡ଼ା ଗ୍ରାମର ୪୫ ଜଣ ବିଭିନ୍ନ ଦଳ ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। ଏହି ସମ୍ମିଳନୀରେ ବ୍ଲକ କଂଗ୍ରେସ ଉପସଭାପତି ଧର୍ମାନନ୍ଦ ନାୟକ ଓ କୃଶ ପନକା, ଜୋନ-୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଜୋନ-୨ ସଭାପତି ବଂଶୀଧର ମାଝି, ବ୍ଲକ ଯୁବ କଂଗ୍ରେସ ସଭାପତି ଶଶୀଧର ମାଝି, ବ୍ଲକ କଂଗ୍ରେସ କମିଟି ଉପଦେଷ୍ଟା ବାବି ଜେନା, କୋଇଲାରୀ ସରପଞ୍ଚ ଚଦ୍ରୀ ଭତ୍ରା, ସମିତି ସଭ୍ୟା ସନମତି ଭତ୍ରା, କୋଇଲାରୀ ପଞ୍ଚାୟତ ପର୍ଯ୍ୟବେକ୍ଷକ ଆଶୁତୋଷ ଜେନା, ପଞ୍ଚାୟତ ସଭାପତି ଭୈରବସିଂ ମାଝି ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ଲିପିକା ମାଝି ଭୋଟରମାନଙ୍କୁ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଦେଖାଉଛନ୍ତି।

# ଶୃଙ୍ଖଳା ନଦୀପଠାରେ ଚୁଆ ଖୋଳି ଚାଷ



ନଦୀପଠାରେ ଚୁଆ ଖୋଳି ଚାଷୀମାନେ ଫସଲରେ ପାଣି ମଡ଼ାଉଛନ୍ତି।

## ଦୃଢ଼ ମନୋବଳ ଚାଷୀଙ୍କୁ କରିଛି ରୋଜଗାରକ୍ଷମ

ଡାବୁଗାଁ, ୧୫।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଦୃଢ଼ ମନୋବଳ ଥିଲେ ସବୁ କାର୍ଯ୍ୟ ସମ୍ଭବ ହୋଇଥାଏ। ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ତାହା ପ୍ରତିବନ୍ଧକ ସାଜି ପାରି ନ ଥାଏ। ଏହାକୁ ପ୍ରମାଣକରି ଦେଖାଇଛନ୍ତି ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବେଲ୍ଲାରୀ ନଦୀ କୂଳରେ ବସବାସ କରୁଥିବା ସରାଗୁଡ଼ା, କେନ୍ଦୁଗୁଡ଼ା ଓ ଝାଲିଆଗୁଡ଼ା ଗ୍ରାମର ଚାଷୀ। ଏହି ନଦୀରେ ଜଳସେଚନ, ଚେକ୍‌ଡ୍ୟାମ କିମ୍ବା ଉଠା ଜଳସେଚନ ପ୍ରକଳ୍ପ ନାହିଁ। ତଥାପି ନଦୀପାଣିର ସଦ୍‌ବ୍ୟବହାର କରି ଚାଷୀ ବିଭିନ୍ନ ଫସଲ ଉତ୍ପାଦନ କରୁଛନ୍ତି। ଶୃଙ୍ଖଳା ପଡ଼ିଥିବା ନଦୀପଠାରେ ଚୁଆ ଖୋଳି ପାଣି ସଂଗ୍ରହକରି ଚାଷ କରୁଛନ୍ତି। ଏହାଦ୍ୱାରା ରୋଜଗାରକ୍ଷମ ହୋଇପାରି ବର୍ଷ ସାରା ପରିବାର ଭରଣପୋଷଣ କରୁଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ପଶ୍ଚିମ ଦିଗକୁ ୫ କି.ମି. ଗଲେ ପଡେ ସରଗୁଡ଼ା, କେନ୍ଦୁଗୁଡ଼ା ଓ ଝାଲିଆଗୁଡ଼ା ଗ୍ରାମ। ଏହି ୩ଟି ଗ୍ରାମ ମଧ୍ୟରେ ରହିଛି ବେଲ୍ଲାରୀ ନଦୀ। ବର୍ଷାଦିନେ ନଦୀ ଗର୍ଭ ଫୁଲି ଉଠେ। ତେବେ ଡିସେମ୍ବରରୁ ଜୁନ୍ ପର୍ଯ୍ୟନ୍ତ ନଦୀ ଶୃଙ୍ଖଳା ପଡିଥାଏ। ଏହି ସମୟରେ ପାଣି ପାଇଁ ଚାଷୀମାନେ ହଇରାଣ ହୋଇଥାନ୍ତି। ଏଠାରେ ଉଠା ଜଳସେଚନ ସୁବିଧା ନ ଥିବାବେଳେ ପାଣି ସଂରକ୍ଷଣ କରି ରଖିବା ପାଇଁ ଚେକ୍ ଡ୍ୟାମ୍ ମଧ୍ୟ ନାହିଁ। ଏନେଇ ଚାଷୀ ଚେକ୍ ଡ୍ୟାମ୍ ପାଇଁ ପ୍ରଶାସନକୁ ଜଣାଇଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନ ଉପରେ ନିର୍ଭର ନ କରି ଚାଷୀ କ୍ଷେତରେ ପାଣି ମଡ଼ାଇବା ପାଇଁ ନିଜେ ଉଦ୍ୟମ କରିଥିଲେ। ଦିନରେ ନଦୀପଠାରେ ଚୁଆ ଖୋଳି ପାଣି ସଂଗ୍ରହ କରିଥାନ୍ତି ଓ ରାତିରେ ମୋଟର ଲଗାଇ ପାଣି ଫସଲରେ ମଡ଼ାଇଥାନ୍ତି। ଫେବୃଆରୀରୁ ମେ ମାସ ପର୍ଯ୍ୟନ୍ତ ଚାଷୀମାନେ ଏହିପରି ଭାବେ ପାଣି ଚାଷଜମିରେ ବ୍ୟବହାର କରିଥାନ୍ତି। ବର୍ଷ ତମାମ ବିଭିନ୍ନ କିସମର ଧାନ, ମକା, ପନିପରିବା ଫସଲ ଚାଷ କରିବା ସହ ଚାଷୀ ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହି ନଦୀ କୂଳରେ ପ୍ରାୟ ୫୦ରୁ ୭୦ ହେକ୍ଟର ମକା ସହ ବିଭିନ୍ନ ପନିପରିବା ଚାଷ କରାଯାଇଛି। ପନିପରିବା ଓ ମକା ଚାଷକରି ପ୍ରତ୍ୟେକ ଚାଷୀ ଭଲ ରୋଜଗାର କରିପାରୁଥିବା ସେମାନେ କହିଛନ୍ତି।

### ଚାଷୀଙ୍କ ମୁହଁରୁ.....



"ନଦୀ କୂଳରେ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ୩ ଏକର ଜମିରେ ମକାଚାଷ କରିଥାଏ। ମକା ଗଛକୁ ଅଧିକ ପାଣି ଦରକାର ହେଉଥିବାବେଳେ କିନ୍ତୁ ପାଣି ମିଳୁ ନାହିଁ। ଛୁଆ ଖୋଳି ପାଣି ସଂଗ୍ରହକରି ରାତିରେ ଗଛରେ ମଡାଉଛି। ମକାଚାଷରେ ପ୍ରାୟ ୨୦ ରୁ ୨୫ ହଜାର ଟଙ୍କା ଲାଭ ମିଳିଥାଏ। **-କୁମ ଗୌଡ଼**



"୩ ଏକର ଜମିରେ ମକା ଚାଷ କରିଥିବାବେଳେ ନଦୀ ଶୁଖିଯିବାରୁ ପାଣି ପାଇଁ ଅସୁବିଧା ହେଉଛି। ଏ ବର୍ଷ ଅଧିକ ଖରା ହେଉଥିବାରୁ ଜମି ଶୀଘ୍ର ଶୁଖିଯାଉଛି। ଏ ବର୍ଷ କମ୍ ଲାଭ ହେବ ତଥାପି ୧୫ ରୁ ୨୦ ହଜାର ଟଙ୍କା ଲାଭ ମିଳିବା ନେଇ ଆଶା ରଖିଛି। **-ଭଗବାନ ଭତ୍ରା**



"ନଦୀ କୂଳରେ ଏକରେ ଜମିରେ ମକାଚାଷ କରିଛି। ମାସେ ପରେ ମକା ବିକ୍ରିହେବ। ନଦୀ ଶୁଖିଯିବାରୁ ପାଣି ପାଇଁ ହଇରାଣ ହେଉଛି। ତଥାପି ଚଳିତ ବର୍ଷ ୫ ରୁ ୧୦ ହଜାର ଟଙ୍କା ଲାଭ ମିଳିବ। **-ମନ ଭତ୍ରା**



"ଏକରେ ଜମିରେ ମକା ଲଗାଇଛି। ଅଧିକ ଖରା ହେବାରୁ ଗଛ ଶୁଖିଯାଉଛି। ଏଥିରୁ ଯାହା ମିଳେ ସେଥିରେ ପରିବାର ଚଳାଏ। ବର୍ଷାଦିନେ ଧାନ ଓ ମକା ଚାଷ କରିଥାଏ। ଏ ବର୍ଷ ମକାରେ ୨୦ ରୁ ୩୦ ହଜାର ଟଙ୍କା ଲାଭ ମିଳିବା ନେଇ ଆଶା ରଖିଛି। ସରକାରଙ୍କ ପକ୍ଷରୁ ଏଠାରେ ଚେକ୍‌ଡ୍ୟାମ୍ ଓ ବୋର୍‌ୱେଲ ସୁବିଧା କରାଗଲେ ଚାଷୀ ଅଧିକ ଜମିରେ ଫସଲ କରିପାରିବେ। **-କପୁର ଚନ୍ଦ୍ର ମାଝି**

## ସଂକ୍ଷେପରେ

### ପୋଲିଂ ଅଧିକାରୀଙ୍କୁ ନିର୍ବାଚନୀ ତାଲିମ

**ଚନ୍ଦ୍ରପୁର, ୧୫।୪ (ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ୮୧ ଜଣ ଶିକ୍ଷକ ତଥା ସରକାରୀ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ଚନ୍ଦ୍ରପୁର ବିଡିଓ ଅକ୍ଷୟ କୁମାର ମଳିକ, ତହସିଲଦାର ଚନ୍ଦ୍ରପୁର ବିଚିତ୍ରାନନ୍ଦ ନାୟକ, ଯୋଗାଣ ସହାୟକ ମାନସ କୁମାର ଜେନା, ଏବିଇଓ ଉମାକାନ୍ତ ମିଶାଲ ପ୍ରମୁଖ ଉପସ୍ଥିତ ରହି ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ତାଲିମ ଦେଇଥିଲେ।

### ବିଦେଶୀ ମଦ ଜବତ, ଜଣେ କୋର୍ଟ ଚାଲାଣ

**ସୁନାବେଡ଼ା,ସେମିଳିଗୁଡା,୧୫।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

ନିର୍ବାଚନକୁ ଦୃଷ୍ଟିରେ ରଖି ଗତ କିଛିଦିନ ହେବ ବେଆଇନ ନିଶା କାରବାର କରୁଥିବା ବ୍ୟବସାୟୀଙ୍କ ଉପରେ ନଜର ରଖିଛି ପୋଲିସ। ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉକରି ସେଗୁଡିକୁ ନଷ୍ଟ କରିବାରେ ଲାଗିଛି । ଏହି କ୍ରମରେ ଶନିବାର ରାତିରେ ଏସ୍‌ଡିପିଓ ଶତପଥୀଙ୍କ ସହ ଅନ୍ୟ ସହକର୍ମୀମାନେ ସାଦା ପୋଷାକରେ ସେମିଳିଗୁଡ଼ା ଥାନା ଅଧୀନ ଡୋଳିଆମ୍ବ ଗାଁରେ ଥିବା ଏକ ହୋଟେଲରେ ଚଢ଼ାଉକରି ବିଭିନ୍ନ ବ୍ରାଣ୍ଡର ପ୍ରାୟ ୪୫ ଲିଟର ବିଦେଶୀ ମଦ ଜବତ କରିଛନ୍ତି । ଏଥିସହ ବେଆଇନ ମଦ କାରବାରରେ ସାମିଲ ଥିବା ହୋଟେଲ ମାଲିକ ଜୀବନ ଚନ୍ଦ୍ର ଖୋସ୍‌ଲାଙ୍କ ପୁଅ ସୁରେନ୍ଦ୍ର ଖୋସ୍‌ଲାକୁ ଗିରଫ କରିଥିଲା। ଏ ନେଇ ସେମିଳିଗୁଡ଼ା ଥାନା କେସ୍ ନଂ. ୫୮/୨୪ ରେ ମାମଲା ରୁଜୁକରି ଜୀବନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସହ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ଶତପଥୀ ସୂଚନା ଦେଇଛନ୍ତି ।

### କଟର ମେଶିନରେ କଟିଲା ଯୁବକଙ୍କ ଆଙ୍ଗୁଠି

**ଦାମନଯୋଡ଼ି,୧୫।୪ (ମାନସ ରଞ୍ଜନ କର)**

ଘର ଛାତ ପକାଇବା ନିମନ୍ତେ ଚାଲିଥିଲା ସଟରିଂ କାମ। ଏଥିପାଇଁ ବୈଦ୍ୟୁତିକ କଟର ମେଶିନରେ କାଠ ବାଉଁଶ ଆଦି ପ୍ରସ୍ତୁତି କରାଯାଉଥିଲା। ହେଲେ ବାଉଁଶ କାଟିଲା ବେଳେ ଅସାବଧାନତା ଯୋଗୁ କଟିଗଲା ଜଣେ ଯୁବକଙ୍କ ଡାହାଣ ଗୋଡ଼ର ଦୁଇଟି ଆଙ୍ଗୁଳି। ଏଭଳି ଏକ ଅଭାବନୀୟ ଘଟଣା ଦାମନଯୋଡ଼ି ଉପକଣ୍ଠସ୍ଥ ସ୍ଥାନୀୟ ଡୁମାଗୁଡା ଗ୍ରାମରେ ଘଟିଛି। ଗ୍ରାମର ଦାମୋଦର ଚଲାନ ନାମକ ଜଣେ ଯୁବକ ଘରଛାତ ସଟରିଂ ପାଇଁ ଏକ ବୈଦ୍ୟୁତିକ କଟର ମେଶିନ ଦ୍ୱାରା ଏହି କାଠ ଓ ବାଉଁଶ କାଟୁଥିଲେ। ତେବେ ମେଶିନଟି ହଠାତ୍ ସ୍ଲିପ୍ କରିଯାଇ ଦାମୋଦରଙ୍କ ଡାହାଣ ଗୋଡ଼ରେ ବାଜି ଦୁଇଟି ଆଙ୍ଗୁଳି ଛିଣ୍ଡିଯାଇଥିଲା। ସେଠାରେ କାମ କରୁଥିବା ଅନ୍ୟ ଯୁବକ ଓ ପରିବାର ଲୋକେ ତାଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

# ମା' ଗଙ୍ଗାଦେବୀଙ୍କ ବାଲିଯାତ୍ରା ଆରମ୍ଭ


ଟିକିରିରେ ମା' ଗଙ୍ଗାଦେବୀଙ୍କୁ ଆବାହନ କରାଯାଉଛି।


ମା'ଙ୍କ ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼।

**ଟିକିରି,୧୫।୪ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିରେ ସୋମବାରଠାରୁ ବଡ଼ ଧୁମଧାମରେ ମା' ଗଙ୍ଗା ଦେବୀଙ୍କ ନବଦିନାତ୍ମକ ବାଲିଯାତ୍ରା ଆରମ୍ଭ ହୋଇଛି। ମା'ଙ୍କ ନବଦିନ ଯାତ୍ରା ପାଇଁ ଟିକିରି ଏବେ ଚଳଚଞ୍ଚଳ ହୋଇଥିବା ବେଳେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ସୋମବାର ସନ୍ଧ୍ୟା ୭ଟାରେ ଟିକିରିସ୍ଥିତ ଜାମଗୁଡା ଆମ୍ବ ତୋଟାରୁ ମା' ଗଙ୍ଗା ଦେବୀଙ୍କୁ ଆବାହନ କରି ମା'ଙ୍କ ନିଜ ମନ୍ଦିରକୁ ଅଣାଯାଇଥିଲା। ମା'ଙ୍କ ମୁଖ୍ୟ ପୂଜକ ଉମା ଶଙ୍କର ଦଣ୍ଡସେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପୂଜା କାର୍ଯ୍ୟ କରାଯାଇଥିଲା। ପରେ ମହା ଆଡମ୍ବରରେ ଶୋଭାଯାତ୍ରା ମାଧ୍ୟମରେ ମା' ଗଙ୍ଗାଦେବୀ ୮ ଦିନ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଟିକିରିର ବିଭିନ୍ନ ସାହି ପରିକ୍ରମା କରିଥାନ୍ତି। ଏହି ସମୟରେ ଭକ୍ତମାନେ ପଣା, ମୁଆ, ନଡ଼ିଆ, କଦଳୀ ଆଦି ଦେଇ ମା'ଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ପୌରାଣିକ କଥାବସ୍ତୁ ଅନୁଯାୟୀ, ମା ଗଙ୍ଗାଦେବୀ ନବଦିନ ଯାଏଁ ସହର ପରିକ୍ରମା କରି ଲୋକଙ୍କ ଦୁଃଖ ଲାଘବ କରିବା ସହ ସୁଖ ଶାନ୍ତି ଆଶୀର୍ବାଦ କରିଥାନ୍ତି । ଷଷ୍ଠ ଦିନଠାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ମା'ଙ୍କ ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳ ସହ ପଡୋଶୀ ରାଜ୍ୟରୁ ଭକ୍ତଙ୍କ ଭିଡ଼ ଜମିଥାଏ। ପ୍ରବଳ ଭିଡ଼କୁ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟବସ୍ଥା କରାଯାଇଛି।


ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଚୈତ୍ର ପର୍ବ ପାଳନ ଅବସରରେ ମା'ଙ୍କ ପୀଠରେ ଜଳୁଥିବା ମାନସିକଧାରୀଙ୍କ ଅଖଣ୍ଡ ଦୀପ।

# ମାରପିଟ ନେଇ ଥାନାରେ ଅଭିଯୋଗକଲେ ଯୁବକ

**ରାୟଗଡ଼ା,୧୫।୪(ଆଶିଷ ରଞ୍ଜନ ପଣ୍ଡା)**

**ରାସ୍ତାରୋକୋ ବେଳେ ବିଜେଡି କର୍ମୀ-ଯୁବକ ମୁହାଁମୁହିଁ ଘଟଣା**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ରଘୁବାରି ଗ୍ରାମରେ ପାଣି ସମସ୍ୟା ନେଇ ସ୍ଥାନୀୟ ମହିଳା ଓ ଯୁବକମାନେ ରାସ୍ତାରୋକୋ କରିଥିବାବେଳେ ଏକ ମିଶ୍ରଣ ପର୍ବରେ ଯୋଗଦେବାକୁ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କର୍ମୀ ଯାଉଥିଲେ। ରାସ୍ତାରୋକୋ ହଟାଇବାକୁ ନେଇ ରବିବାର ବିଜେଡି କର୍ମୀ ଓ ସ୍ଥାନୀୟ ଯୁବକ ମୁହାଁମୁହିଁ ହୋଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବିଜେଡି କର୍ମୀମାନେ ସେଠାରେ କେତେଜଣ ଯୁବକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ସୋମବାର ରଘୁବାରି ଗ୍ରାମର ହରେକୃଷ୍ଣ ବେହେରା ଓ ହରେନ୍ଦ୍ର ଗୌଡ଼ଙ୍କୁ ମାରପିଟ କରାଯାଇଥିବା ଅଭିଯୋଗରେ ମନ୍ତ୍ରୀ ସାରକା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ ଓ ଅନ୍ୟ ବିଜେଡି ନେତାଙ୍କ ବିରୋଧରେ ଅମ୍ବାଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ହରେକୃଷ୍ଣ ଓ ହରେନ୍ଦ୍ରଙ୍କୁ ମନ୍ତ୍ରୀ ସାରକା ଓ ଅନ୍ୟ ବିଜେଡି ନେତାମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରପିଟ କରିଥିବା ନେଇ ଏତଲାରେ ଦର୍ଶାଯାଇଛି।

ପ୍ରକାଶ ଥାଉକି, ରବିବାର ଆଇନମନ୍ତ୍ରୀ ସାରକା, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ ଓ ଅନ୍ୟ ବିଜେଡି କର୍ମୀମାନେ ନିର୍ବାଚନ ପ୍ରଚାରରେ ମୁନିଗୁଡ଼ା ବ୍ଲକ ରଘୁବାରି ପଞ୍ଚାୟତ ଗସ୍ତରେ ଯାଇଥିଲେ । ଏହି ପ୍ରଚାର ବେଳେ ମନ୍ତ୍ରୀ ସାରକାଙ୍କୁ ପାନୀୟ ଜଳ ସମସ୍ୟା ଜଣାଇବା ପାଇଁ ଗ୍ରାମବାସୀ ରଘୁବାରିଠାରେ ରାସ୍ତାରୋକୋ କରିଥିଲେ । ତେବେ ଏହି ସମୟରେ ମନ୍ତ୍ରୀ ସାରକା, ସୁଧୀର ଦାସ ଓ ଅନ୍ୟ ବିଜେଡି କର୍ମୀମାନେ ରାଗିଯାଇ ଗ୍ରାମର ଯୁବକମାନଙ୍କୁ ମାରପିଟ କରିଥିଲେ । ଅନ୍ୟପଟେ ଏହା ବିରୋଧୀଙ୍କ ରାଜନୈତିକ ଷଡ଼ଯନ୍ତ୍ର ବୋଲି ସୁଧୀର ଦାସ କହିଛନ୍ତି। ତେବେ ଏହି ମାମଲା କେଉଁ ଆଡ଼କୁ ଗତି କରୁଛି ତାହା ଦେଖିବାକୁ ବାକି ରହିଲା ।

# ପ୍ରଶାସନ ପକ୍ଷରୁ ଲିଭାଗଲା ଫଳକ

**ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା**

**ବୈପାରୀଗୁଡ଼ା, ୧୫।୪(କଳ୍ପତରୁ ମହାନ୍ତି)**

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ଏକ ରବିବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବୈପାରୀଗଡା ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ଉକ୍ତ ଫଳକରେ ଚୂନ ମାରି ଲିଭାଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ବ୍ଲକର ପୂଜାରୀଗଡା ପଞ୍ଚାୟତ ଅଧୀନ ଗୌଡ଼ଗଡ଼ା ଛକରେ ନିର୍ମାଣ ହେବାକୁ ଥିବା ଏକ ଗୋଷ୍ଠୀ କେନ୍ଦ୍ର କାର୍ଯ୍ୟ ଫଳକ ଥିଲା। ଆମ ଓଡିଶା ନବୀନ ଓଡିଶା ଯୋଜନାରେ ୨ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଉକ୍ତ କାର୍ଯ୍ୟ ଆଦୌ ଆରମ୍ଭ ହୋଇ ନ ଥିବା ବେଳେ ତରବରିଆ ଭାବେ ଫଳକ ଲଗାଯାଇଥିଲା। ଗତ ମାସ ୧୬ରେ ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ୨୭ ତାରିଖରେ କାର୍ଯ୍ୟ ଆରମ୍ଭ ହୋଇଥିବା ଦର୍ଶାଯାଇଥିଲା। ଏଥିରେ ବିଜେଡିର ନିର୍ବାଚନ ଚିହ୍ନ ଶଙ୍ଖ ଚିତ୍ର ମଧ୍ୟ ରହିଥିଲା।


ଧରିତ୍ରୀର ଖବର ପ୍ରକାଶ ପରେ ଫଳକରେ ଥିବା ସୂଚନାକୁ ପ୍ରଶାସନ ପକ୍ଷରୁ ଲିଭାଯାଇଛି ।

# ୨୧ କେଜି ଗଞ୍ଜେଇ ଜବତ,୩ ଗିରଫ


ଗିରଫ ୩ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ।

**ଗୁଡାରି, ୧୫।୪ (ପ୍ରମୋଦ କୁମାର ପତି)**

ମୁକ୍ତ ଏବଂ ଅବାଧ ନିର୍ବାଚନକୁ ଦୃଷ୍ଟିରେ ରଖି ଗତ କିଛିଦିନ ହେବ ବେଆଇନ ନିଶା କାରବାର କରୁଥିବା ବ୍ୟବସାୟୀଙ୍କ ଉପରେ ନଜର ରଖିଛି ପୋଲିସ। ଏହି କ୍ରମରେ ଗୁଡାରି ପୋଲିସ ସୋମବାର ପାଟ୍ରୋଲିଂ କରିବା ସମୟରେ ବ୍ଲକର ଗାଜିଗୁଡା ଗ୍ରାମ ନିକଟରୁ ୨୧.୧ କିଲେ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରି ଗୁଣୁପୁର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ପୋଲିସ ୨ଟି ମୋବାଇଲ ଫୋନ ଓ ଗୋଟିଏ ମୋଟର ସାଇକେଲ ଜବତ କରିଛି । ଏ ସଂକ୍ରାନ୍ତରେ ଗୁଡାରି ଥାନାରେ କେଶ ନମ୍ବର ୪୧/୨୦୨୪ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି।

# ପ୍ରିଜାଇଡିଂ, ପୋଲିଂ ଅଧିକାରୀଙ୍କ ରିଫ୍ରେଶର୍ ଟ୍ରେନିଂ

**ଗୁଡାରି,୧୫।୪ (ପ୍ରମୋଦ କୁମାର ପତ)**

ରାୟଗଡ଼ା ଜିଲା ଗୁଡାରିସ୍ଥିତ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀଙ୍କୁ ରିଫ୍ରେଶର୍ ଟ୍ରେନିଂ ପ୍ରଦାନ କରାଯାଇଛି। ଏହି ଟ୍ରେନିଂ ସକାଳ ୭.୩୦ ମିନିଟ୍‌ରେ ଆରମ୍ଭ ହୋଇ ଅପରାହ୍ନ ୧.୩୦ରେ ସମାପ୍ତ ହୋଇଥିଲା। ତାଲିମ ପ୍ରଦାନ ସମୟରେ ଆସନ୍ତା ସାଧାରଣ ନିର୍ବାଚନରେ ବ୍ୟବହୃତ ଫର୍ମ ପୂରଣ, ଏନଭଲପ୍ ବ୍ୟବହାର, ନିର୍ବାଚନରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ସମ୍ପର୍କରେ ସବିଶେଷ ସୂଚନା ଦିଆଯାଇଥିଲା । ଏହି ଟ୍ରେନିଂରେ ବ୍ଲକର ମୋଟ ୧୩୪ ଜଣ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସର ତାଲିମ ନେଇଥିଲେ। ଗୁଡାରି ବିଡ଼ିଓ ଅନିଶା ଦାସ ଓ ତହସିଲଦାର ଏ. ସ୍ନେହଲତା ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବ୍ଲକ ବିପିଏମ୍ ମାନସ ରଞ୍ଜନ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗୁଡାରିରେ ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଉଛି।

# ମଦ ଜବତ, ଜଣେ ଗିରଫ

**ଜୟପୁର, ୧୫।୪(ପବନ ପାଣିଗ୍ରାହୀ)**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପୋଲିସ ଡୁମୁରିଗୁଡ଼ାର ଦିଲ୍ଲୀପ ହରିଜନଙ୍କ ଗିରଫ କରିଛି। ତାଙ୍କଠାରୁ ୮ ଲିଟର ଦେଶୀ ମଦ ମିଳିଛି। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଓଆଇସି ନିଳାଦ୍ରୀ ବାହିରୀ ମିଶ୍ର ସୂଚନା ଦେଇଛନ୍ତି।

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ନାମଲେଖା ଅଭିଯାନ

**କୋଲନରା, ୧୫।୪ (ମାନସ ରଞ୍ଜନ ମିଶ୍ର)**

ରାୟଗଡ଼ା ଜିଲା କୋଲନରା ସଦରଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ସୋମବାର ସ୍କ୍ରିନିଂ କମିଟି ପକ୍ଷରୁ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ ଏବଂ ଅଧାରୁ ପାଠ ଛାଡିଥିବା ଡ୍ରପ ଆଉଟ ବାଳିକାମାନଙ୍କର ନାମ ଲେଖା ଅଭିଯାନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଆଚରଣ ବିଧି ନିୟମ ଲାଗୁ ହୋଇଥିବାରୁ ଏହି କାର୍ଯ୍ୟକ୍ରମରେ କୌଣସି ଲୋକ ପ୍ରତିନିଧି ଯୋଗ ଦେଇ ନ ଥିଲେ। ଏହି ସ୍କ୍ରିନିଂ କମିଟିରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ଜେନା, ବିଆରସିସି ଡାଳିମ୍ବ ସୂର୍ଯ୍ୟ, ଏବିଇଓ ପିତୃଦେବ ବିଡ଼ିକା, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥ ମିଶ୍ର, କେଜିବିଭି ସୁପରିଣ୍ଟେଣ୍ଡେଣ୍ଟ ଲଳିତା କୁମାରୀ ପ୍ରମୁଖ ଛାତ୍ରୀଙ୍କ ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ଏଥିସହ ମୁକୁନ୍ଦପୁର, ଗାଡିଶେଷଖାଲ ଓ ଭୋଇମଡାର ସିଆରସିସି, କେଜିବିଭିର ପାର୍ଟ ଟାଇମ ଶିକ୍ଷୟିତ୍ରୀ ଜି ଜ୍ୟୋତି ଓ ସନ୍ଧ୍ୟାରାଣୀ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସର୍ବମୋଟ ୬୩ଟି ଆବେଦନ ଫର୍ମ ଦାଖଲ ହୋଇଥିଲା। ସେଥିମଧ୍ୟରୁ ସମସ୍ତ ଗାଇଡ୍ ଲାଇନ ଅନୁପାଳନ କରାଯାଇ ୩୯ଟି ଦରଖାସ୍ତକୁ ଚୟନ କରାଯାଇଥିଲା। ସେଥିମଧ୍ୟରୁ ସିଡବ୍ଲ୍ୟୁଏସଏନର ୨ ଜଣ ବାଳିକା, ୩୫ ଜଣ ଆଦିବାସୀ ବାଳିକା ଓ ୨ ଜଣ ତଫସିଲଭୁକ୍ତ ଜାତିର ବାଳିକାଙ୍କୁ ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଚୟନ ପ୍ରକ୍ରିୟାରେ ଅବଶିଷ୍ଟ ସିଟ୍ ପୂରଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ପାଇଁ କେଜିବିଭିର ୱାର୍ଡେନ ମାନସୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ଅର୍ଜୁନଙ୍କ ୫୮ତମ ସିଦ୍ଧି ଦିବସ

**ପଦ୍ମପୁର, ୧୫।୪ (ପ୍ରଶାନ୍ତ କୁମାର କର)**

ଦିବ୍ୟଦର୍ଶନ ସଂଘ ପ୍ରତିଷ୍ଠାତା ପରମ ପୂଜ୍ୟ ସଦଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ୫୮ତମ ପରମ ସିଦ୍ଧିଦିବସ ଉତ୍ସବ ପଦ୍ମପୁର ବ୍ଲକ୍ ଅନ୍ତରଝୋଲି ଆଶ୍ରମରେ ପାଳିତ ହୋଇଯାଇଛି । ପଦ୍ମପୁର ଆଶ୍ରମ, ଗୁରୁଙ୍କ ଜନ୍ମସ୍ଥାନ ଗୁରୁତୀର୍ଥ ଗୁଡ଼ିଆବନ୍ଧ, ଲଛମନଗୁଡା, ଗୁଡ଼ାରୀ ଝୁଲାରେ ଥିବା ଆଶ୍ରମରେ ସଦ୍‌ଗୁରୁଙ୍କ ଶିଷ୍ୟଶିଷ୍ୟାମାନେ ସୋମବାର ସକାଳୁ ମିଳିତ ଭାବେ ଗୁରୁନାମ ସଂକୀର୍ତ୍ତନ କରି ନଗର ପରିକ୍ରମା କରିଥିଲେ। ଗୁଡ଼ାରୀ ଝୁଲା ଆଶ୍ରମରେ ପୂର୍ବାହ୍ନ ୧୧ରୁ ଦିବ୍ୟ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ସେଠାରେ କେନ୍ଦ୍ରୀୟ କମିଟି ସଦସ୍ୟ ପୂଜ୍ୟ ବାସିନୀ ଭୂଜଙ୍ଗ ଭାଇ ଯୋଗଦାନ କରି ଦିବ୍ୟଜ୍ଞାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଭାଇଭଉଣୀ ଯୋଗଦେଇଥିଲେ। ସେହିପରି ଲଛମନଗୁଡାଠାରେ ଅବସ୍ଥିତ ଦିବ୍ୟଦର୍ଶନ ଆଶ୍ରମର ୨୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ସକାଳୁ ଭାଇଭଉଣୀମାନେ ଲଛମନଗୁଡା ଓ ମୁଚିକିପଦର ଗ୍ରାମକୁ ଯାଇ ନଗର ସଂକୀର୍ତ୍ତନ କରିଥିଲେ। ଏଠାରେ ଆୟୋଜିତ ସତ୍‌ସଙ୍ଗରେ କେନ୍ଦ୍ରୀୟ କମିଟି ଉପସଭାପତି ପୂଜ୍ୟ ବିଶ୍ୱନାଥ ଭାଇ ଯୋଗଦାନକରି ଗୁରୁଙ୍କ ସିଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ୟାସପୀଠରେ ଗୁରୁତୀର୍ଥ ଗୁଡିଆବନ୍ଧ ଶାଖା ସଭାପତି ଉଦୟ ଶଙ୍କର ଲାଡି, ସମ୍ପାଦକ ଜନାର୍ଦ୍ଦନ ସେନାପତି ସତ୍‌ସଙ୍ଗ ପରିଚାଳନା କରିଥିଲେ। ଗ୍ରାମର ଗୁରୁ ଭାଇ ଚିଦାନନ୍ଦ ଦାଶ, ସୈଂତାରୀ ଶବର ଭଉଣୀ ଓ ଉକ୍ତ ଆଶ୍ରମର ପରିଚାଳନା କମିଟି ସଭାପତି ନରସିଂହ ଶବର ଭାଇଙ୍କୁ ଉପ ସଭାପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଦିବ୍ୟଦର୍ଶନ ସଂଘର ଅନ୍ତରଝୋଲିଠାରେ ଅବସ୍ଥିତ ମୁଖ୍ୟ ଆଶ୍ରମରେ ୫୮ତମ ସିଦ୍ଧି ଦିବସ ପାଳନ କରାଯାଇଥିଲା। ଗୁରୁଙ୍କର ଶତାଧିକ ଶିଷ୍ୟଶିଷ୍ୟା ଗୁମୁଡା ଗୋପାଳପୁର ଗ୍ରାମରୁ ଗୁରୁନାମ ସଂକୀର୍ତ୍ତନ ପଦଯାତ୍ରାରେ ବାହାରି ଗୁମୁଡା ଓ ବଂଶଧାରା ନଦୀ ପୋଲ ଦେଇ ଆଶ୍ରମ ଭିତରକୁ ଯାଇଥିଲେ । କେନ୍ଦ୍ରୀୟ କମିଟି ଉପ- ସଭାପତି ପୂଜ୍ୟ ବିଶ୍ୱନାଥ ଭାଇ, ଉକ୍ତ ଆଶ୍ରମର ପରିଚାଳକ ପୂଜ୍ୟ ବାସିନୀ ଭୁଜଙ୍ଗ ଭାଇ ଦିବ୍ୟଭାବ ବିଚାର ଓ ସିଦ୍ଧି ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଗୁଡ଼ିଆବନ୍ଧ ଶାଖା ସଭାପତି ଉଦୟ ଶଙ୍କର ଲାଡି ଭାଇ ସତ୍‌ସଙ୍ଗ ପରିଚାଳନା କରିଥିଲେ । ସିଦ୍ଧି ଦିବସ ଉତ୍ସବରେ ପ୍ରାୟ ୮୦୦ରୁ ଶିଷ୍ୟଶିଷ୍ୟା ଯୋଗଦେଇଥିଲେ। ପରେ ନୂତନ ଭାବେ ବିଭିନ୍ନ ସ୍ଥାନରୁ ଆସିଥିବା ୧୩ ଜଣ ଭଉଣୀ ଭାଇ ଦୀକ୍ଷା ଗ୍ରହଣ କରିଥିଲେ । ପୂଜ୍ୟ ବାସିନୀ ଭୂଜଙ୍ଗ ଭାଇ ଦିବ୍ୟଦର୍ଶନ ପଦ୍ଧତିରେ ଶପଥ ପାଠ କରାଇ ଦୀକ୍ଷା ଦାନକରିଥିଲେ ।


ଅନ୍ତରଝୋଲି ଆଶ୍ରମରେ ସିଦ୍ଧି ଦିବସ ପାଳନ କରାଯାଉଛି।

# ଭଜନ, ଆଧୁନିକ ଗୀତରେ ଝୁମିଲେ ଦର୍ଶକ

**ଅଶୋକ ମଣ୍ଡପରେ ୨ ଦିନିଆ ବିଷୁବ ମିଳନ କାର୍ଯ୍ୟକ୍ରମ**

**ରାୟଗଡ଼ା, ୧୫।୪ (ଆଶିଷ ରଞ୍ଜନ ପଣ୍ଡା)**

ପବିତ୍ର ମହା ବିଷୁବ ସଂକ୍ରାନ୍ତି ଅବସରରେ ରାୟଗଡ଼ା ଯୁବଗୋଷ୍ଠୀଙ୍କ ପକ୍ଷରୁ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ ୨ ଦିନିଆ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ଭଜନ ଓ ଆଧୁନିକ ଗୀତରେ ଦର୍ଶକମାନେ ଝୁମିଥିବା ଦେଖିବାକୁ ମିଳିଛି। କଣ୍ଠଶିଳ୍ପୀ ଲୋପାମୁଦ୍ରା ମହାପାତ୍ର ଓ ଅବିନାଶ ଦାଶ, ପ୍ରସନଜିତ୍ ସାମଲ ଦର୍ଶକଙ୍କୁ ଷ୍ଟେଜରେ ବାନ୍ଧି ରଖିଥିଲେ। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଏନ୍ ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମରିକା, ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦାନ କରିଥିଲେ ।

ରାୟଗଡା ଜିଲାର ବିଭିନ୍ନ ସ୍ଥାନରେ ରବିବାର ଓ ସୋମବାର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପଠାରେ ରବିବାର ଆୟୋଜିତ ପ୍ରଥମ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ମାନସୀ ଦାସଙ୍କ ବିଭିନ୍ନ ଆଧ୍ୟାତ୍ମିକ ଭଜନ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲେ। ସେହିପରି ସ୍ଥାନୀୟ ତେଜସ୍ୱୀ ପଡ଼ିଆରେ ପୂର୍ବତନ ଏମ୍‌ପି ଏନ. ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେଜସ୍ୱୀ ପଡିଆଠାରେ ଗୀତିକାରଙ୍କ ମନଛୁଆଁ ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସେହିଭଳି ରାୟଗଡା ୱାର୍କସ କ୍ଲବ ପକ୍ଷରୁ ମଧ୍ୟ ବିଷୁବ ବନ୍ଧୁ ମିଳନ ଉତ୍ସବ ଓ ପଣା ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା।



କଣ୍ଠଶିଳ୍ପୀ ଲୋପାମୁଦ୍ରା ଦାସ ସଙ୍ଗୀତ ପରିବେଷଣ କରୁଛନ୍ତି।


ଅଶୋକ ମଣ୍ଡପଠାରେ ଏନ ଭାସ୍କର ରାଓ ଏବଂ ଅନ୍ୟ ଅତିଥିମାନେ।

# ମେ' ୨୫ରୁ ଧାନ ସଂଗ୍ରହ ପ୍ରକ୍ରିୟା

କୋରାପୁଟ,୧୫।୪(ଅମିତାଭ ବେହେରା)

କୋରାପୁଟ ଜିଲାସ୍ତରୀୟ ରବିଋତୁ ଧାନ ସଂଗ୍ରହ କମିଟି ବୈଠକ ସୋମବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି କିର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ମେ ୨୫ ତାରିଖରୁ କୋରାପୁଟ ଜିଲାରେ ରବିଋତୁ ଧାନ ସଂଗ୍ରହ ଆରମ୍ଭ କରାଯିବ ବୋଲି ଜିଲାପାଳ ଭି କିର୍ତ୍ତି ଭାସନ କହିଛନ୍ତି ।

ଚଳିତ ରବି ଋତୁରେ ଅମଳ ହୋଇଥିବା ଧାନ ସଂଗ୍ରହ ପାଇଁ ଜିଲାରେ ସମୁଦାୟ ୭୩ଟି ମଣ୍ଡି କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେଥିମଧ୍ୟରୁ ଜୟପୁର ଉପଖଣ୍ଡରେ ୬୫ଟି ଏବଂ କୋରାପୁଟ ଉପଖଣ୍ଡରେ ୮ଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଖରିଫ ଋତୁରେ ଜିଲାକୁ ୨୧୭୭୬୧ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୨୧୦୯୩୭ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଥିବା ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ଗତ ୨୦୨୨/୨୩ ବର୍ଷ ରବି ଋତୁରେ କୋରାପୁଟ ଜିଲାକୁ ୧୨୪୨୫୯ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୮୨୧୫୩ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା ବୋଲି ସେ କହିଛନ୍ତି।



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ସୂଚନା ଦେଉଛନ୍ତି।

## ଜିଲାସ୍ତରୀୟ ରବି ଋତୁ ଧାନ ସଂଗ୍ରହ କମିଟି ବୈଠକ

ଏଥି ମଧ୍ୟରୁ ୭୬୬୦୧ ମେଟ୍ରିକ୍ ଟନ ଧାନ କୋରାପୁଟ ମିଲର୍ସ ଉଠାଇଥିବା ବେଳେ ୫୫୫୧ ମେଟ୍ରିକ ଟନ ଧାନ ରାୟଗଡା ମିଲର୍ସ ଉଠାଇଥିଲେ ବୋଲି ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ପଣ୍ଡା କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି, କୋରାପୁଟ କୃଷି ଜଲା ଅଧିକାରୀ ବୈକୁଣ୍ଠନାଥ ବେହେରା, କୋରାପୁଟ ଆରଏମ୍‌ସି ସମ୍ପାଦକ ଅରୁଣ କୁମାର ଜେନାଙ୍କ ସମେତ ଚାଷୀ ସଂଗଠନର ନେତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରପାଲ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ଜଣେ କୋର୍ଟ ଚାଲାଣ

ସୁନାବେଡ଼ା,ସେମିଲିଗୁଡ଼ା,୧୫।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ନିର୍ବାଚନକୁ ଦୃଷ୍ଟିରେ ରଖି ଗତ କିଛିଦିନ ହେବ ବେଆଇନ ନିଶା କାରବାର କରୁଥିବା ବ୍ୟବସାୟୀଙ୍କ ଉପରେ ନଜର ରଖିଛି ପୋଲିସ। ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉକରି ସେଗୁଡିକୁ ନଷ୍ଟ କରିବାରେ ଲାଗିଛି । ଏହି କ୍ରମରେ ଶନିବାର ରାତିରେ ଏସ୍‌ଡିପିଓ ଶତପଥୀଙ୍କ ସହ ଅନ୍ୟ ସହକର୍ମୀମାନେ ସାଦା ପୋଷାକରେ ସେମିଲିଗୁଡ଼ା ଥାନା ଅଧୀନ ଡୋଳିଆମ୍ବ ଗାଁରେ ଥିବା ଏକ ହୋଟେଲରେ ଚଢ଼ାଉକରି ବିଭିନ୍ନ ବ୍ରାଣ୍ଡର ପ୍ରାୟ ୪୫ ଲିଟର ବିଦେଶୀ ମଦ ଜବତ କରିଛନ୍ତି । ଏଥିସହ ବେଆଇନ ମଦ କାରବାରରେ ସାମିଲ ଥିବା ହୋଟେଲ ମାଲିକ ଜୀବନ ଚନ୍ଦ୍ର ଖୋସ୍‌ଲାଙ୍କ ପୁଅ ସୁରେନ୍ଦ୍ର ଖୋସ୍‌ଲାକୁ ଗିରଫ କରିଥିଲା। ଏ ନେଇ ସେମିଲିଗୁଡ଼ା ଥାନା କେସ୍ ନଂ. ୫୮/୨୪ ରେ ମାମଲା ରୁଜୁକରି ଜୀବନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସହ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ଶତପଥୀ ସୂଚନା ଦେଇଛନ୍ତି ।

### କଟର ମେଶିନରେ କଟିଲା ଯୁବକଙ୍କ ଆଙ୍ଗୁଠି

ଦାମନଯୋଡ଼ି,୧୫।୪ (ମାନସ ରଞ୍ଜନ କର)

ଘର ଛାତ ପକାଇବା ନିମନ୍ତେ ଚାଲିଥିଲା ସଟରିଂ କାମ। ଏଥିପାଇଁ ବୈଦ୍ୟୁତିକ କଟର ମେଶିନରେ କାଠ ବାଉଁଶ ଆଦି ପ୍ରସ୍ତୁତି କରାଯାଉଥିଲା। ହେଲେ ବାଉଁଶ କାଟିଲା ବେଳେ ଅସାବଧାନତା ଯୋଗୁ କଟିଗଲା ଜଣେ ଯୁବକଙ୍କ ଡାହାଣ ଗୋଡ଼ର ଦୁଇଟି ଆଙ୍ଗୁଳି। ଏଭଳି ଏକ ଅଭାବନୀୟ ଘଟଣା ଦାମନଯୋଡ଼ି ଉପକଣ୍ଠସ୍ଥ ସ୍ଥାନୀୟ ଡୁମାଗୁଡା ଗ୍ରାମରେ ଘଟିଛି। ଗ୍ରାମର ଦାମୋଦର ଚଲାନ ନାମକ ଜଣେ ଯୁବକ ଘରଛାତ ସଟରିଂ ପାଇଁ ଏକ ବୈଦ୍ୟୁତିକ କଟର ମେଶିନ ଦ୍ୱାରା ଏହି କାଠ ଓ ବାଉଁଶ କାଟୁଥିଲେ। ତେବେ ମେଶିନଟି ହଠାତ୍ ସ୍ଲିପ୍ କରିଯାଇ ଦାମୋଦରଙ୍କ ଡାହାଣ ଗୋଡ଼ରେ ବାଜି ଦୁଇଟି ଆଙ୍ଗୁଳି ଛିଣ୍ଡିଯାଇଥିଲା। ସେଠାରେ କାମ କରୁଥିବା ଅନ୍ୟ ଯୁବକ ଓ ପରିବାର ଲୋକେ ତାଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

### ଝୁଲନ୍ତା ମୃତଦେହ ଜବତ

ବୈପାରୀଗୁଡ଼ା, ୧୫।୪(କଳ୍ପତରୁ ମହାନ୍ତି)

ବୈପାରୀଗୁଡ଼ା ଅଞ୍ଚଳର ଟାକ୍ସି ଡ୍ରାଇଭର ବାବଲା ନାୟକ (୪୦)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ମଇନାପଡ଼ା ଘରୁ ସୋମବାର ମିଳିଛି। ପରିବାର ଲୋକଙ୍କ ଅନୁପସ୍ଥିତିରେ ସେ ଦଉଡ଼ି ଦେଇଦେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାବଲାଙ୍କୁ କାମ ନ ମିଳିବାରୁ କିଛି ମାସ ହେବ ସେ ମାନସିକ ଅବସାଦରେ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ରବି ଧାନମଣ୍ଡି ସୁପରିଚାଳନା ନେଇ ଦାବିପତ୍ର

ଜୟପୁର, ୧୫।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କୁ ରବି ଧାନମଣ୍ଡି ସୁପରିଚାଳନା ନେଇ କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ଦାବିପତ୍ର ପ୍ରଦାନ କରିଛନ୍ତି। ମେ ୨୦ରୁ ମଣ୍ଡି ଆରମ୍ଭ କରିବା ସହ ଧାନ କିଣା ଦାବି ହୋଇଛି। ଧାନ ବିକ୍ରି ପରେ ଚାଷୀ ମାସ ମାସ ଧରି ବିକ୍ରି ଅର୍ଥ ପାଇ ପାରୁନାହାଁନ୍ତି। ତେଣୁ ଯୋଗାଣ ବିଭାଗ ଓ ସମବାୟ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରାଯାଇଛି ।

ଧାନମଣ୍ଡିଗୁଡ଼ିକ ମିଲରଙ୍କ ଇଚ୍ଛାରେ ପରିଚାଳିତ ହେଉଛି। ନିଜର ସ୍ୱାର୍ଥ ପାଇଁ ସରକାରର ନିୟମକୁ ଉଲଘଂନ ସହ ଚାଷୀଙ୍କୁ ଶୋଷଣ, ଲୁଣ୍ଠନ, ଅତ୍ୟାଚାର କାରି ମାଲାମାଲ ହେଉଥିବା ମଞ୍ଚ ଅଭିଯୋଗ କରିଛି। ପ୍ରଶାସନ, ଯୋଗାଣ ବିଭାଗ, ସମବାୟ ବିଭାଗ, ନିୟନ୍ତ୍ରିତ ବଜାର କମିଟି, କ୍ରୟକାରୀ ସଂସ୍ଥା, ମଣ୍ଡି ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ମଣ୍ଡି ପରିଚାଳନାର ସମସ୍ତ ଦାୟିତ୍ୱ ମିଲରଙ୍କୁ ଦେଉଥିବାରୁ ସେମାନେ ଚାଷୀଙ୍କୁ ଲୁଟୁଥିବା ଅଭିଯୋଗ ହୋଇଛି। ମଣ୍ଡିକୁ ଚାଷୀ ନିଜେ ଗାଡ଼ି ବ୍ୟବସ୍ଥା କରି ମିଲରଙ୍କ ପାଖରେ ଧାନ ପହଞ୍ଚାଇବା ପରେ ସେମାନେ ନିଜ ଇଚ୍ଛା ମୁତାବକ ଏଫଏକ୍ୟୁ ଆଳ ଦେଖାଇ ଧାନ କାଟି ମିଲ ସିଲ୍ପ ଦେବା ପରେ। କ୍ରୟକାରୀ ସଂସ୍ଥା ଧାନ ପ୍ରବେଶ କରିଥାନ୍ତି। ଏହାକୁ ବନ୍ଦ କରିବାକୁ ଦାବି ହୋଇଛି। ରବି ଋତୁରେ ବର୍ଷାର ଆଶଙ୍କା ଓ ଆରଏମସିର ଭିତ୍ତିଭୂମି ବହୁ ମଣ୍ଡିରେ ନ ଥିବାରୁ ଦୈନିକ ୫ ହଜାର କୁଇଣ୍ଟାଲ ଧାନ କ୍ରୟ, ଆବଶ୍ୟକ ଧାନ ପରିବହନ ସକାଶେ ଗାଡ଼ି, ଖଲାସୀ, ଟାର୍ପିନ ଓ ଅସ୍ଥାୟୀ ସେଡ୍ ନିର୍ମାଣ କରିବାକୁ ଦାବି ହେଉଛି। ଡିଏଲପିସି ବୈଠକରେ ବୋରିଗୁମ୍ମା, ବୈପାରିଗୁଡ଼ା ଓ ଅନ୍ୟ ଧାନ ଉତ୍ପାଦକ ବ୍ଲକର ଚାଷୀଙ୍କୁ ଭାଗ ନେବାକୁ ସୁଯୋଗ, ଅନ୍ୟ ରାଜ୍ୟ ପରି ଓଡଶା ସରକାର ଧାନ କ୍ରୟ ଉପରେ ପିଛିଲା ରୁପେ ବୋନସ ଦେବା ବ୍ୟବସ୍ଥା, ଆରଏମ୍‌ସି ମଣ୍ଡି ଗୁଡିକରେ ଭିତ୍ତିଭୂମୀ ଉନ୍ନତି, କ୍ରୟକାରୀ ସଂସ୍ଥା ପ୍ରଶାସନ ସମବାୟ ବିଭାଗ, ମିଶନ ଶକ୍ତି ନିଜର ଦାୟିତ୍ୱ ତୁଲାଇବାକୁ ଦାବି କରାଯାଇଛି।

# ପ୍ରଶାସନ ପକ୍ଷରୁ ଲିଭାଗଲା ଫଳକ

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା



ଖବର ପ୍ରକାଶ ପୂର୍ବରୁ।


ଖବର ପ୍ରକାଶ ପରେ।

ବୈପାରୀଗୁଡ଼ା, ୧୫।୪(କଳ୍ପତରୁ ମହାନ୍ତି)

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ଏକ ରବିବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବୈପାରୀଗଡା ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ଉକ୍ତ ଫଳକରେ ଚୂନ ମାରି ଲିଭାଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ବ୍ଲକର ପୂଜାରୀଗଡା ପଞ୍ଚାୟତ ଅଧୀନ ଗୌଡ଼ଗଡ଼ା ଛକରେ ନିର୍ମାଣ ହେବାକୁ ଥିବା ଏକ ଗୋଷ୍ଠୀ କେନ୍ଦ୍ର କାର୍ଯ୍ୟ ଫଳକ ଥିଲା। ଆମ ଓଡିଶା ନବୀନ ଓଡିଶା ଯୋଜନାରେ ୨ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଉକ୍ତ କାର୍ଯ୍ୟ ଆଦୌ ଆରମ୍ଭ ହୋଇ ନ ଥିବା ବେଳେ ତରବରିଆ ଭାବେ ଫଳକ ଲଗାଯାଇଥିଲା। ଗତ ମାସ ୧୬ରେ ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ୨୭ ତାରିଖରେ କାର୍ଯ୍ୟ ଆରମ୍ଭ ହୋଇଥିବା ଦର୍ଶାଯାଇଥିଲା। ଏଥିରେ ବିଜେଡିର ନିର୍ବାଚନ ଚିହ୍ନ ଶଙ୍ଖ ଚିତ୍ର ମଧ ରହିଥିଲା।

# ଶ୍ରୀରାମନବମୀରେ ରାମସୀତାଙ୍କ ବିବାହ


ରାମ ସୀତାଙ୍କ ବିବାହୋତ୍ସବ ସମ୍ପନ୍ନ କରାଯାଉଛି ।

ଦାମନଯୋଡି,୧୫।୪ (ମାନସ ରଞ୍ଜନ କର)

ନାଲକୋ ଟାଉନଶିପ୍ ସେକ୍ଟର-୧ ସ୍ଥିତ ମାରୁତି ମଣ୍ଡପଠାରେ ଚାଲିଥିବା ଶ୍ରୀରାମନବମୀ ଉତ୍ସବରେ ସୋମବାର ଶ୍ରୀରାମ ଓ ସୀତାଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ସକାଳେ ସୂର୍ଯ୍ୟପୂଜା, ଝଣ୍ଡାପୂଜା, ଘୃତଯଜ୍ଞ ଓ ପାରାୟଣ ପାଠ ପରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭଦ୍ରକରୁ ଆସିଥିବା ପୂଜକ ପଣ୍ଡିତ ବଳରାମ ଦାଶ,ବିବେକାନନ୍ଦ ପଣ୍ଡା ଓ ବିଦ୍ୟୁତ୍ ରଞ୍ଜନ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ। ସାମାଜିକକର୍ମୀ ହରିବନ୍ଧୁ ବିଶ୍ୱାଳ ଓ ସ୍ତ୍ରୀ ଝୁନୁ ବିଶ୍ୱାଳ ସୀତାଙ୍କ ପିତାମାତା ଦାୟିତ୍ୱ ତୁଲାଇଥିଲେ। ସେହିପରି ଶ୍ରୀରାମଙ୍କ ପିତାମାତା ରୂପେ ନାଲକୋ କର୍ମଚାରୀ ଅନାମ ଚରଣ ନାୟକ ଓ ସ୍ତ୍ରୀ ନିବେଦିତା ନାୟକ ଦାୟିତ୍ୱ ତୁଲାଇଥିଲେ। ଏହି ବିବାହ ଉତ୍ସବରେ ବରଣ, ଗନ୍ଧାଧିବାସ, ବହିଶାଳା ରୋପଣ,କୌତୁକସୂତ୍ର ବନ୍ଧନ ଓ ସମୁଦି ମିଳନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମନବମୀ ପୂଜାକମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଉତ୍ସବ ପରିଚାଳନା କରୁଥିବା ବେଳେ ସନ୍ଧ୍ୟାରେ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଆଦି କାର୍ଯ୍ୟକ୍ରମ ରହିଛି। ସେହିପରି ମଙ୍ଗଳବାର ସୁନ୍ଦରାକାଣ୍ଡ ଓ ହନୁମାନ ଯଜ୍ଞ ଓ ବୁଧବାର ଶ୍ରୀରାମନବମୀ ଉତ୍ସବ, ଶ୍ରୀରାମଙ୍କ ଅଭିଷେକ, ନାମ ସଙ୍କୀର୍ତ୍ତନ ଓ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଏବଂ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି।

# ଦେଶୀ ମଦ ଚାଲାଣ ବେଳେ ଚଢାଉ, ଜଣେ ଗିରଫ

ଜୟପୁର, ୧୫।୪(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପୋଲିସ ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗରଫ କରିଛି। ସେ ହେଲେ ଡୁମୁରିଗୁଡ଼ାର ଦିଲ୍ଲୀପ ହରିଜନ। ଅବକାରୀ ଥାନା ସୂଚନାନୁଯାୟୀ ଦେଶୀ ମଦ ଚାଲାଣ ହେଉଥିବା ସୁଚନା ପାଇ ଡୁମୁରିଗୁଡା ଗ୍ରାମ ରାସ୍ତାରେ ଚଢାଉ କରାଯାଇଥିଲା। ଏହି ସମୟରେ ଅଭିଯୁକ୍ତଠାରୁ ୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଓଆଇସି ନିଳାଦ୍ରୀ ବାହିରୀ ମିଶ୍ର ସୂଚନା ଦେଇଛନ୍ତି।

# ଭୋଟରଙ୍କୁ ସଚେତନତା ନେଇ ଏଲ୍‌ସିଡି ଗାଡ଼ିର ଶୁଭାରମ୍ଭ

କୋରାପୁଟ,୧୫।୪
(ଅମିତାଭ ବେହେରା)

ମେ ୧୩ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ମତଦାନର ହାର ବୃଦ୍ଧି ଉଦ୍ଦେଶ୍ୟରେ ଏସଭିଇଇପି ଆନୁକୁଲ୍ୟରେ ସୋମବାର ୨ଟି ଏଲ୍‌ସିଡି ଗାଡ଼ିର ଶୁଭାରମ୍ଭ ହୋଇଯାଇଛି। ଏହି ଗାଡ଼ି ଜିଲାସାରା ବୁଲି ଭୋଟରଙ୍କୁ ସଚେତନ କରିବ। ଜିଲାପାଳ ଭି. କିର୍ତ୍ତି ଭାସନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଗାଡ଼ିର ଶୁଭାରମ୍ଭ କରିଛନ୍ତି। ଭୋଟ ଦେବା ପାଇଁ ଉତ୍ସାହିତ କରିବାକୁ ସଚେତନତା ବାର୍ତ୍ତା ଦେଇ ଜିଲାପାଳ ଦସ୍ତଖତ କରିଥିଲେ। ଗତ ନିର୍ବାଚନରେ ବିଶେଷ କରି ମତାଦାନ କମ ହୋଇଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଛି। ସେ ସବୁ ସ୍ଥାନରେ ଏଲ୍‌ସିଡି ଗାଡି ଯାଇ ମତଦାନ କରିବାକୁ ଭୋଟରଙ୍କୁ ସଚେତନ କରିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ କୋରାପୁଟ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଆଲୋମନି ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପଜିଲାପାଳ ବେଣୁଧର ଶବର, ଡିଆଇପିଆର୍‌ଓ ସ୍ୱରାଜ୍ୟ ଶିଶା, କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନେ ଭୋଟରଙ୍କୁ ଉତ୍ସାହିତ କରିବାକୁ ଗାଡ଼ିରେ ଲଗାଯାଇଥିବା ଦସ୍ତଖତ ବୋର୍ଡରେ ଦସ୍ତଖତ କରିଥିଲେ।



ଗାଡ଼ି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅଧିକାରୀ।

# ବିଜେଡିରେ ୯ କଂଗ୍ରେସ କର୍ମୀ ସାମିଲ


ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ କର୍ମୀମାନେ ।

ଦଶମନ୍ତପୁର, ୧୫।୪ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ଅଧୀନରେ ଥିବା ୩ ଗ୍ରାମର କଂଗ୍ରେସ କର୍ମୀ ସୋମବାର ବିଜେଡ଼ିରେ ସାମିଲ ହୋଇଛନ୍ତି। ଜିଲା ବିଜେଡି ଉପ ସଭାପତି ନାରାୟଣ ବିଶୋଇଙ୍କ ନେତୃତ୍ୱରେ ପଞ୍ଚାୟତର ୩ ଗ୍ରାମ ତଥା ସୋରିଷ ପଦରର ବୁଡୁ ଭୋଇ, ପୋଟିପଦରୁ ଧୋବା ମୁଦୁଲି, ଉତ୍ତମ ମୁଦୁଲି ଓ ଶ୍ରୀରାମ ମୁଦୁଲି, ନକିମାଳରୁ ଗୋପାଳ ମୁଦୁଲି, ତେଲେଙ୍ଗା ଦିଶାରୀ, ଚେକ ଦିଶାରୀ, ଢ଼ୋଲୁ ଦିଶାରୀ ଓ ନବୀନ ଦିଶାରୀ ପ୍ରମୁଖ ୯ କଂଗ୍ରେସ କର୍ମୀ ବିଜେଡି ସଭାପତି ତଥା ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି ।

# 'ନୂତନ ଓଡ଼ିଶା, ସମୃଦ୍ଧ ନବରଙ୍ଗପୁର ପାଇଁ ଆମକୁ ଜିତାଅ'

ତେନ୍ତୁଳିଖୁଣ୍ଟି, ୧୫।୪(ଚିଦାନନ୍ଦ ସାହୁ)

## ତେନ୍ତୁଳିଖୁଣ୍ଟିରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର

ନବରଙ୍ଗପୁର ନିର୍ବାଚନମଣ୍ଡଳୀ ଅଧୀନ ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା, କବାଗୁଡ଼ା, କୁକୁଡ଼ାବାଇ, ବିଜ୍ରାଗୁଡ଼ା ବିଭିନ୍ନ ଗ୍ରାମରେ କଂଗ୍ରେସ ଲୋକ ସଭା ପ୍ରାର୍ଥୀ ଭୁଜବଳ ମାଝି ଓ ବିଧାୟକ ପ୍ରାର୍ଥୀ ଦିଲୀପ ପ୍ରଧାନୀ ମିଳିତ ପ୍ରଚାର କରିଛନ୍ତି।

ଦଳର ୧୦ ଗ୍ୟାରେଣ୍ଟିକୁ ପ୍ରତି ଭୋଟରଙ୍କ ପାଖରେ ପହଞ୍ଚାଇ ଦଳ ପାଇଁ ଭୋଟ ମାଗିବାକୁ କର୍ମକର୍ତ୍ତାମାନେ ଶପଥ ନେଇଥିଲେ। ନବରଙ୍ଗପୁର ଏବେ ଅବହେଳିତ ହୋଇଛି। ସ୍ଥାନୀୟ ଯୁବତୀ ଯୁବକ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି। ଚଳିତ ନିର୍ବାଚନରେ ଜିତାଇ କଂଗ୍ରେସକୁ ପୁନଃ କ୍ଷମତାକୁ ଆଣିବାକୁ ଭୁଜବଳ ଓ ଦିଲୀପ ଆହ୍ୱାନ ଦେଇଥିଲେ। ରେଳ, କଳ ଓ ଜଳ ସ୍ୱପ୍ନ ଦେଖାଇ ୨୪ ବର୍ଷ ବିତିଯାଇଛି। ଏଣୁ ନୂତନ ଓଡ଼ିଶା ଓ ସମୃଦ୍ଧ ନବରଙ୍ଗପୁର ପାଇଁ କଂଗ୍ରେସକୁ କ୍ଷମତାକୁ ଆଣିବାକୁ ଭୀମସେନ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ କୁକୁଦବାଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଞ୍ଚାୟତ କଂଗ୍ରେସ ସଭାପତି ଡାଲବନ୍ଧୁ ମାଝିଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବୀନ ବାଗ, ଅଭି ସନ୍ତା, କମଲୁ ବାଗ, ବଳରାମ ବାଗ, ଅର୍ଜୁନ ଭତ୍ରା, ରାଜୀବ ପାଢ଼ୀ, ଚିଦୁ ବାଗ, ମୋହନ ଜାନି, ଭୀଷ୍ମ ବିଷୋୟୀ, ମାଧବ ଜାନି, ଦାସ ଜାନି ପ୍ରମୁଖ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୀମସେନ ପାଣିଗ୍ରାହୀ, କିଶୋର ସିଂ, ନିର୍ମଳ କନ୍ଦପାନ, ଜଗବନ୍ଧୁ ଜାନି, ଜିତେନ୍ଦ୍ର ହରିଜନ ପ୍ରମୁଖଙ୍କ ସହ କର୍ମୀମାନେ ଉପସ୍ଥିତ ଥିଲେ।


ଦଳୀୟ ପ୍ରାର୍ଥୀଙ୍କ ସହ କଂଗ୍ରେସରେ ମିଶିଥିବା ନୂତନ କର୍ମୀମାନେ।

# ସମାଧାନ ନ ହେଲେ ନେତାଙ୍କୁ ଗାଁରେ ପୂରାଇ ଦେବୁନି

## ମୌଳିକ ସୁବିଧାରୁ ବଞ୍ଚିତ ୫ ଖଣ୍ଡ ଗ୍ରାମବାସୀ

ଦଶମନ୍ତପୁର,୧୫।୪ (ଅରବିନ୍ଦ ନାୟକ)

ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଆଜି ଯାଏଁ ଗାଁକୁ ରାସ୍ତା ନାହିଁ। ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚି ରହିଛନ୍ତି ଗ୍ରାମବାସୀ। ସମସ୍ୟା ସମ୍ପର୍କରେ ଗ୍ରାମବାସୀ ନେତାଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ ଖାଲି ମିଥ୍ୟା ପ୍ରତିଶ୍ରୁତି ମିଳିଛି। ତେଣୁ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ସହ ଗାଁରେ କୌଣସି ନେତାଙ୍କୁ ପ୍ରବେଶ କରାଇଦେବୁ ନାହିଁ ବୋଲି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକ୍ୱାମ୍ବ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୫ ଖଣ୍ଡ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଚିକ୍ୱାମ୍ବ ଗ୍ରାମପଞ୍ଚାୟତର ୧୧ ନମ୍ବର ୱାର୍ଡର ତୁନଖାଲ ବୁଥ୍ ଅଧିନରେ ଧର୍ମଗୁଡ଼ା, କଲୋନି ସାହି, ଗୋଜିଆ ଗୁଡ଼ା, ତୁନଖାଲ, ଝୋଲାଗୁଡ଼ା, ବନାସିଲ ଏବଂ ବାରୀଗୁଡା ପ୍ରଭୃତି ଗାଁ ରହିଛି। ଉକ୍ତ ୫ ଖଣ୍ଡ ଗ୍ରାମରେ ଭୋଟର ସଂଖ୍ୟା ପ୍ରାୟ ୮୦୦ ରୁ ଊର୍ଦ୍ଧ୍ୱ ହେବେ ବୋଲି ଅଞ୍ଚଳବାସୀଙ୍କ ସୂଚନାରୁ ଜଣାପଡ଼ିଛି। ତେବେ ଧର୍ମଗୁଡ଼ା ଛକଠାରୁ ତୁନଖାଲ ଗାଁକୁ ପ୍ରାୟ ୩ କି.ମି. ରହିଥିବାବେଳେ ଗୋଜିଆଗୁଡ଼ା ୧କି.ମି., ଝୋଲାଗୁଡ଼ା ୨କି.ମି. ରହିଥିବା ଜଣାପଡିଛି। ତେବେ ୫ ଖଣ୍ଡ ଗ୍ରାମରେ ଆଜି ଯାଏଁ ପକ୍କା ରାସ୍ତା ନ ଥିବାବେଳେ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ସେହିପରି ପାନୀୟ ଜଳ ବ୍ୟବସ୍ଥା ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତି ନିର୍ବାଚନ ବେଳେ ଅନେକ ବିଧାୟକ ଏବଂ ଏମ୍‌ପି ଗାଁକୁ ପ୍ରଚାର କରିବାକୁ ଆସି ମିଥ୍ୟା ପ୍ରତିଶ୍ରୁତି ଦେଇ ଆମକୁ ଭୁଆଁ ବୁଲାଉଥିଲେ ହେଁ ଆମେ ଏଯାବତ ସେମାନଙ୍କୁ ଭୋଟ ଦେଇ ଜିତାଇ ଆସୁଛୁ। ଭୋଟ ପାଇ ସାରିବା ପରେ ସେମାନେ ଦେଇଥିବା ପ୍ରତିଶ୍ରୁତିଗୁଡିକୁ ଭୁଲିଯାଉଛନ୍ତି। ଆମ ଗାଁରେ ଲାଗି ରହିଥିବା ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ଯାଏଁ ଆମେ ୫ଖଣ୍ଡ ଗ୍ରାମବାସୀ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ବାଧହେବୁ। ଏଥିସହ କୌଣସି ଦଳୀୟ ନେତାଙ୍କୁ ପ୍ରଚାର ପାଇଁ ଆମ ଗାଁ ଭିତରକୁ ପ୍ରବେଶ କରାଇ ଦେବୁ ନାହିଁ ବୋଲି ଉତ୍ତ୍ୟକ୍ତ ଗ୍ରାମବାସୀ ଚିନାଇଁ ଜାନି, ପ୍ରେମଲତା ଗରଡ଼ା, ଆଶାମଣି ଗରଡ଼ା, କତାଇ ଜାନି, କୁଡ଼ ଖରା, ଜାନକୀ ଖସଲା, ସବିତା କମାର, ଜାମ୍ବବତୀ ମୁଦୁଲି, ପ୍ରମିଳା ଖସଲା, ହୀରାମଣି ପରଜା, ସାଇବେଣି ଜାନି, ଚମ୍ପା ଜାନି, ଶ୍ରୀମତୀ ଗରଡ଼ା, ଚଞ୍ଚଳା ଖରା, ମୀରାଇ ମୁଦୁଲିଙ୍କ ସମେତ ୫ ଖଣ୍ଡ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ।

